# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 19 April – 2024

# ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ଅଷ୍ଟାଦଶ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ମତଦାନ ହେଉଛି । ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ । ୨୧ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଆସନରେ ଭୋଟ୍ ନିଆଯିବ । ଏଥିସହିତ ଅରୁଣାଚଳ ପ୍ରଦେଶର ୬୦ଟି ଆସନ ଓ ସିକିମ୍‌ର ୩୨ଟି ବିଧାନସଭା ଆସନ ନିମନ୍ତେ ମଧ୍ୟ ଭୋଟ୍ ଗ୍ରହଣ ହେଉଛି । ଏହି ପର୍ଯ୍ୟାୟରେ ୧ ଲକ୍ଷ ୮୭ ହଜାର ଭୋଟ୍‌ଦାନ କେନ୍ଦ୍ରରେ ମୋଟ୍ ୧୬ କୋଟି ୬୩ ଲକ୍ଷ ମତଦାତା ଆଜି ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି ।

# ନିର୍ବାଚନ କମିଶନ

ରାଜ୍ୟରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ବିଧିବଦ୍ଧ ଭାବେ ଗତକାଲି ଠାରୁ ଆରମ୍ଭ ହୋଇଛି । ଗତକାଲି ୫ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ସୂଚନା ଅନୁସାରେ ସି-ଭିଜିଲ୍ ଆପ୍ ରେ ଜନସାଧାରଣଙ୍କ ପକ୍ଷରୁ ଅଧିକ ଅଭିଯୋଗ ମିଳିଛି । ବର୍ତ୍ତମାନ ସୁଦ୍ଧା ଏହି ଆପ୍ ଜରିଆରେ ରାଜ୍ୟ

ନିର୍ବାଚନ କମିଶନ ୩ ହଜାର ୮୭୩ଟି ଅଭିଯୋଗ ପାଇଛନ୍ତି । ସେଥିମଧ୍ୟରୁ ୩ ହଜାର ୮୫୪ଟି ଅଭିଯୋଗର ସମାଧାନ କରାଯାଇଛି । ୧୦୦ ମିନିଟ୍‌ରେ ୩ ହଜାର ଅଣାନବେଟି ଅଭିଯୋଗର ସମାଧାନ କରାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ମାର୍ଚ୍ଚ ମାସ ୧ ତାରିଖରୁ ଚଳିତମାସ ୧୭ ତାରିଖ ସୁଦ୍ଧା ମୋଟ୍ ୧୧୮ କୋଟି ୫୬ଲକ୍ଷ ମୂଲ୍ୟର ମାଦକ ଦ୍ରବ୍ୟ, ସୁନା, ନଗଦ ଟଙ୍କା ଆଦି ଜବତ କରାଯାଇଛି ।

---

## ପୋଲିଂ କର୍ମଚାରୀ-ଚିକିତ୍ସା ସୁବିଧା

ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିଂ କର୍ମଚାରୀ ଯଦି କାର୍ଯ୍ୟରତ ସମୟରେ ଅସୁସ୍ଥ ହୁଅନ୍ତି, ଆବଶ୍ୟକ ପଡ଼ିଲେ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ଏୟାର ଆମ୍ବୁଲାନ୍ସ ଜରିଆରେ ନିଆଯାଇ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ଏହା ବ୍ୟତୀତ ପୋଲିଂ କର୍ମଚାରୀଙ୍କୁ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି ।

---

## ଇପିଏଫ୍-ଜମା ଉଠାଣ

ଟଙ୍କା ଜମା ଉଠାଣ କ୍ଷେତ୍ରରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ପକ୍ଷରୁ ଜାରି କରାଯାଇଥିବା ନୂଆ ବିଜ୍ଞପ୍ତି ଅନୁସାରେ ସ୍ୱାସ୍ଥ୍ୟଗତ କାରଣରୁ ଜଣେ କର୍ମଚାରୀ ସ୍ୱୟଂକ୍ରିୟ ଉଠାଣ ଜରିଆରେ ୧ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଉଠାଇ ପାରିବେ । ପୂର୍ବରୁ ଏହି ଉଠାଣ ପରିମାଣ ୫୦ ହଜାର ଟଙ୍କା ଥିଲା । ଏହି

ବ୍ୟବସ୍ଥା ଚଳିତ ମାସ ୧୦ ତାରିଖରୁ କାର୍ଯ୍ୟକାରୀ ହୋଇଛି ବୋଲି କର୍ମଚାରୀ ଭବିଷ୍ୟନିଧି ସଂଗଠନ ପକ୍ଷରୁ କୁହାଯାଇଛି ।

## ଜଙ୍ଗଲ ନିଆଁ

ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ଲାଗିଥିବା ମୋଟ୍ ଜଙ୍ଗଲ ନିଆଁର ପ୍ରାୟ ୯୯ ପ୍ରତିଶତ ମନୁଷ୍ୟକୃତ ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି । ସୂଚନା ଅନୁସାରେ  ଗତବର୍ଷ ତୁଳନାରେ ଚଳିତ ବର୍ଷ ରାଜ୍ୟର ଜଙ୍ଗଲଗୁଡ଼ିକରେ ନିଆଁ ଲାଗିବା ଘଟଣା କମ୍ ରହିଛି । ଚଳିତ ବର୍ଷ ରାଜ୍ୟର ଜଙ୍ଗଲ ଗୁଡ଼ିକରେ ୧୧,୩୬୭ଟି ସ୍ଥାନରେ ନିଆଁ ଲାଗିଥିଲା । ଗତକାଲି ରାଜ୍ୟର ୮୭ଟି ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡ଼ିଛି । ଏକସପ୍ତାହ ମଧ୍ୟରେ ୧୮୬ଟି ବଡ଼ଧରଣର ବନାଗ୍ନି ଘଟିଛି ।  ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଜୟପୁର ଆଦି ଜିଲ୍ଲାରେ ବଡ଼ଧରଣର  ଅଗ୍ନିକାଣ୍ଡ ଘଟିଛି ।  ଜଙ୍ଗଲ ନିଆଁ ଲିଭାଇବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

## ବିଶ୍ୱ ଯକୃତ ଦିବସ

ଆଜି ବିଶ୍ୱ ଯକୃତ ଦିବସ । ଯକୃତର ଉପଯୁକ୍ତ ଯତ୍ନ ନେବା ଏବଂ ଏହାର ସମସ୍ୟା ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ଏହି ଦିବସ ପାଳନ କରାଯାଉଛି । ହେପାଟାଇଟିସ୍-ବି ଏବଂ ସି, ଫ୍ୟାଟି ଲିଭର୍ ଭଳି ସମସ୍ୟା ଜନିତ ରୋଗୀ ଭାରତରେ ବହୁପରିମାଣରେ ଦେଖା ଦେଇଥାନ୍ତି ।

ସମୟ ଅନୁସାରେ ଉପଯୁକ୍ତ ଚିକିତ୍ସା, ନିୟମିତ ବ୍ୟାୟାମ, ମାଦକ ଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ଏବଂ ସନ୍ତୁଳିତ ଆହାର ସେବନ ଦ୍ୱାରା ଯକୃତକୁ ସୁସ୍ଥ ରଖାଯାଇ ପାରିବ ।

## ରୁକୁଣା ରଥ

ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥ ଗତକାଲି ରାମେଶ୍ୱର ମନ୍ଦିରରେ ପହଞ୍ଚିଛି । ଶ୍ରୀଲିଙ୍ଗରାଜ ମାଉସୀମା'ଙ୍କ ପୀଠରେ ବିଜେ ହୋଇଛନ୍ତି । ପ୍ରଭୁ ଶ୍ରୀଲିଙ୍ଗରାଜ ସାଙ୍ଗରେ ଭଉଣୀ ରୁକ୍ମଣୀ ଓ ଦୋଳଗୋବିନ୍ଦଙ୍କୁ ନେଇ ମାଉସୀମା'ଙ୍କ ଘରେ ଅବସର ବିତାଇବେ । ମା' ପାର୍ବତୀଙ୍କୁ ସାଙ୍ଗରେ ନ ନେଇଥିବାରୁ ଶ୍ରୀଲିଙ୍ଗରାଜଙ୍କ ଉପରେ ମା' ପାର୍ବତୀଙ୍କ ରୋଷ ବଢ଼ିଯାଇଛି । ଗତକାଲି ସନ୍ଧ୍ୟାରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କୁ ଖୋଜି ଖୋଜି ମା' ପାର୍ବତୀ ରାମେଶ୍ୱର ମନ୍ଦିରରେ ପହଞ୍ଚିଥିଲେ । ଭାଇଭଉଣୀଙ୍କୁ ଏକାଠି ଦେଖି ମା' ପାର୍ବତୀ ରାଗି ଯାଇଥିଲେ । ଉଭୟ ପକ୍ଷଙ୍କ ସେବାୟତ ବଚନିକା ମାଧ୍ୟମରେ ଏହି ଦେବକଳି ପ୍ରଦର୍ଶନ କରିଥିଲେ । ଫେରିବା ରାସ୍ତାରେ ମା' ପାର୍ବତୀ ରାଗରେ ରୁକ୍ମଣା ରଥର କିଛି ଅଂଶ ଭାଙ୍ଗି ଦେଇଥିଲେ । ଅଶୋକାଷ୍ଟମୀ ତିଥିରେ ଆରମ୍ଭ ହୋଇଥିବା ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ଏହି ରଥଯାତ୍ରା ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା ।

## ସୁପର୍ ଲିଗ୍

ଇଣ୍ଡିଆନ୍ ସୁପର୍ ଲିଗ୍-ଆଇଏସ୍ଏଲ୍ର ପ୍ରଥମ ପ୍ଲେଅଫ୍ ମ୍ୟାଚ୍ ଆଜି କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ । ଓଡ଼ିଶା ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ମଧ୍ୟରେ ଏହି ମ୍ୟାଚ୍ ରାତି ୭ଟା ୩୦ରେ ଅନୁଷ୍ଠିତ ହେବ । ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଏଫ୍‌ସି ୨୨ଟି ମ୍ୟାଚ୍‌ରୁ ୧୧ଟିରେ ବିଜୟ ଲାଭ କରିଥିବା ବେଳେ ୬ଟି ଡ୍ର ଓ ୫ଟିରେ ପରାଜୟ ସହ ୩୯ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି ।

ଅନ୍ୟପକ୍ଷରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ଲିଗ୍ ପର୍ଯ୍ୟାୟରେ ୧୦ଟିରେ ବିଜୟ ସହ ୩ଟି ଡ୍ର ଓ ୯ଟିରେ ପରାଜିତ ହୋଇ ୩୩ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି ।

---

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ରାଜ୍ୟର କେତେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିବାର ସମ୍ଭାବନା ଅଛି । ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବ । ମୟୂରଭଞ୍ଜ, ନୟାଗଡ଼, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଯାଜପୁର, ଢେଙ୍କାନାଳ, ଖୋର୍ଦ୍ଧା, ଅନୁଗୁଳ, କେନ୍ଦୁଝର, ବୌଦ୍ଧ, କନ୍ଧମାଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାଗୁଡ଼ିକର ତାପମାତ୍ରା ବୃଦ୍ଧି ପାଇବାର ଅନୁମାନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ରହିବା ପାଇଁ

ନିର୍ଦ୍ଦେଶ ଦିଆଯାଇଛି । ଗତକାଲି ରାଜ୍ୟର ଉତ୍ତପ୍ତ ସହର ଭାବେ ଭୁବନେଶ୍ୱରରର ସର୍ବୋଚ୍ଚ ତାପମାତ୍ରା ୪୩ ଦଶମିକ ୬ ଡିଗ୍ରୀ ରେକର୍ଡ କରାଯାଇଥିଲା ।

................................................................................